# DAV PUBLIC SCHOOLS, ODISHA ZONE
## PERIODIC TEST - II (2023-24)

- Check that this question paper contains **2** printed pages and **8** questions with **4** Good Reader Bonus questions.
- Write down the serial number of the question in the left side of the margin before attempting it.

**CLASS - III**
**SUBJECT - ODIA**

**Time - 1 Hour** **Maximum Marks - 20**

ସାଧାରଣ ନିର୍ଦ୍ଦେଶାବଳୀ :
- ନିର୍ଦ୍ଦେଶ ଅନୁସାରେ ସମସ୍ତ ପ୍ରଶ୍ନର ଉତ୍ତର ଦିଅ ।
- ପ୍ରଶ୍ନ ପତ୍ରରେ ସମୁଦାୟ ୪ଟି ବିଭାଗ ଓ ୮ଟି ମୁଦ୍ରିତ ପ୍ରଶ୍ନ ରହିଛି ।
- ସମସ୍ତ ଉତ୍ତର ଲେଖି ସାରିବା ପରେ ପୁନର୍ବାର ଯାଞ୍ଚ କର ।

**'କ' ବିଭାଗ** (ପଠନ)

୧ . ଅନୁଚ୍ଛେଦଟିକୁ ପଢ଼ି ତଳେ ଦିଆଯାଇଥିବା ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ । (୫×୧=୫)

ଜଣେ ଜମିଦାରଙ୍କର ହାତୀଟିଏ ଥିଲା । ମାହୁନ୍ତ ତା'ର ଯତ୍ନ ନିଏ ଓ ସେବା କରେ । ଗାଁକୁ ଗାଁ ବୁଲି ପଇସା ରୋଜଗାର କରି ମାହୁନ୍ତ ବଡ଼ ଲୋଭୀ ହୋଇଗଲା । ମଝିରେ ମଝିରେ ହାତୀକୁ କମ୍ ଖାଇବାକୁ ଦେଲା । ତା'ର ଆଉ ଯତ୍ନ ନେଲା ନାହିଁ । ହାତୀଟି ରାଗିଯାଇ ମାହୁନ୍ତକୁ ଶୁଣ୍ଢରେ କଚାଡ଼ି ଦେଲା । କଚାଡ଼ି ହୋଇ ପଡ଼ି ମାହୁନ୍ତର ଜୀବନ ଗଲା । ମାହୁନ୍ତର ପିଲାମାନେ ଅସହାୟ ହୋଇପଡ଼ିଲେ । ସେମାନେ ହାତୀ ପାଖରେ ବସି କାନ୍ଦିଲେ । ହାତୀଟି ଚୁପ୍‌ଚାପ୍ ସବୁ କଥା ଶୁଣୁଥାଏ । ସେ ଜୀବଟିଏ ହେଲେ ବି ନିଷ୍ଠୁର ନଥିଲା । ସେ ଭାବିଲା ଏମାନେ ତ ତା'ର କିଛି ଦୋଷ କରିନାହାନ୍ତି । ତା' ମନ ଭିତରେ ଦୟା ଭାବ ଆସିଲା । ସେ ମାହୁନ୍ତର ପିଲାମାନଙ୍କର ଦେଖାଶୁଣା କଲା । ସବୁଦିନେ ପିଲାମାନଙ୍କୁ ପିଠିରେ ବସାଇ ବୁଲାଇଲା, ଖେଳାଇଲା, ଫଳମୂଳ ଆଣି ଖାଇବାକୁ ଦେଲା । ହାତୀଟିଏ ହେଲେ ବି ତା'ର ମଣିଷପଣିଆ ଗୁଣ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଦେଲା । ସେ ସାରା ଜୀବନ ସେମାନଙ୍କର ସେବକ ହୋଇ ରହିଲା । ତା'ର ବିଚାରପଣିଆ ସମସ୍ତେ ଜାଣିଲେ । ଆମେ ମଧ୍ୟ ଏହିପରି ଅନ୍ୟମାନଙ୍କୁ ଦୟା ଦେଖାଇବା ଦରକାର ।

ପ୍ରଶ୍ନ :

କ) ମାହୁନ୍ତ କାହିଁକି ଲୋଭୀ ହୋଇଗଲା ?

ଖ) ହାତୀଟିର କେଉଁ ଗୁଣ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଦେଲା ?

ଗ) ମାହୁନ୍ତର ଜୀବନ କିପରି ଗଲା ?

ଘ) ହାତୀଟି ସାରା ଜୀବନ ସେମାନଙ୍କ ପାଖରେ କିପରି ରହିଲା ?

ଙ) 'ମାନବ' ବଦଳରେ ଏହି ଅନୁଚ୍ଛେଦରେ କେଉଁ ଶବ୍ଦଟି ବ୍ୟବହାର କରାଯାଇଛି ବନ୍ଧନୀ ମଧ୍ୟରୁ ବାଛି ଲେଖ ।

(ମାହୁନ୍ତ, ମଣିଷ, ଜୀବ, ଜୀବନ)

**'ଖ' ବିଭାଗ** (ଲିଖନ)

୨. ' ମରୁଡ଼ି ସମୟର ଦୃଶ୍ୟ ' ବିଷୟରେ ଅନୁଚ୍ଛେଦ ଲେଖ । (୧×୪=୪)

**'ଗ' ବିଭାଗ** (ବ୍ୟାକରଣ)

୩. ନିମ୍ନଲିଖିତ ଶବ୍ଦଗୁଡ଼ିକର ବିପରୀତ ଅର୍ଥବୋଧକ ଶବ୍ଦ ଲେଖ । (୨×୧=୨)

କ) ଭିତର

ଖ) ମିଳନ

୪. ତଳେ ଦିଆଯାଇଥିବା ଶବ୍ଦଗୁଡ଼ିକର ଗଦ୍ୟରୂପ ଲେଖ । (୨×୧=୨)

କ) ଧରମ

ଖ) ଭକତି

୫. 'ଜୀବଜନ୍ତୁ' ପରି ଗୋଟିଏ ଯୋଡ଼ାଶବ୍ଦ ଲେଖ । (୧×୧=୧)

**'ଘ' ବିଭାଗ** (ସାହିତ୍ୟ)

୬. ନିମ୍ନଲିଖିତ ଶବ୍ଦଗୁଡ଼ିକର ଅର୍ଥ ଲେଖ । (୨×୧=୨)

କ) ଅକାଳ

ଖ) ରାଜସ୍ୱ

୭. ତଳେ ଦିଆଯାଇଥିବା ଶବ୍ଦଗୁଡ଼ିକୁ ବ୍ୟବହାର କରି ବାକ୍ୟଗଠନ କର । (୨×୧=୨)

କ) ପ୍ରତିମା

ଖ) ଦୁଃଖୀରଙ୍କି

୮. ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ । (୨×୧=୨)

କ) ବାଳକଟି ଟଙ୍କାଟିକୁ କିପରି କାମରେ ଲଗାଇଲା ?

ଖ) ଧର୍ମପଦ ଜାତିଭାଇଙ୍କ ପାଇଁ ଜୀବନ ଦେଇଥିଲା । ତା'ର ଏହି ମହାନତାରୁ ତୁମେ କ'ଣ ଶିଖିଲ ?

**ଉତ୍ତମ ପାଠକ ବୋନସ୍ (୪)**

ସମସ୍ତ ପ୍ରଶ୍ନର ଉତ୍ତର ଲେଖ । (୪×୧=୪)

୧. ଥରେ ଜଣେ ଚାଷୀ କି ଚାଷ କରିଥିଲା ?

୨. ସୁଯୋଗ ଦେଖି ମାଙ୍କଡ଼ କ'ଣ କଲା ?

୩. ସାନ ମାଆର ପ୍ରକୃତି କିପରି ଥିଲା ?

୪. ବାପା କେଉଁ କଥା ଶୁଣି କାନ୍ଦିବାକୁ ଲାଗିଲେ ?

XXXXX